# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09 January – 2026

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ; କହିଲେ ମୁଖ୍ୟମନ୍ତ୍ରୀ

- ଯାନବାହାନ ପ୍ରଦୂଷଣ ପ୍ରମାଣପତ୍ର ପ୍ରସଙ୍ଗରେ ପରିବହନ ସଚିବ ଏବଂ ଏସ୍‌ଟିଏ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟଙ୍କ ନୋଟିସ୍

- ଆସନ୍ତା ଦୁଇ ବର୍ଷରେ ସରକାରୀ ମେଡିକାଲ କଲେଜଗୁଡ଼ିକରେ ୫୦୨ ପିଜି ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ସରକାରଙ୍କ ନିଷ୍ପତ୍ତି

ଏବଂ

- ବାଉଁଶ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର

## ଓଡିଶା ସ୍କିଲସ୍-ମୁଖ୍ୟମନ୍ତ୍ରୀ

ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ 'ଓଡିଶା ସ୍କିଲସ୍' ଉତ୍ସବର ଉଦ୍‌ଯାପନୀ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦକ୍ଷତାର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଯୁବବର୍ଗଙ୍କୁ ଦକ୍ଷ, ଆତ୍ମବିଶ୍ୱାସୀ କରି ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ପରିକଳ୍ପନାକୁ ସାକାର କରାଯାଇ ପାରିବ। ରାଜ୍ୟର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗତ ୧୮ ମାସରେ ୬ ଲକ୍ଷ ୧୫ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଯାହା ଦ୍ୱାରା ୩ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି....

ରାଜ୍ୟର ୪୭ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରିଣତ କରିବା ସହ ଭିତ୍ତିଭୂମିର ଉନ୍ନତି ଓ ଅତ୍ୟାଧୁନିକ ସ୍କିଲ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇପାରିବ।

ସେହିଭଳି କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ୯ଟି ଆଇଟିଆଇରେ ଏଆଇ ଲାବୋରୋଟାରୀ ଖୋଲାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି।

## ଏସ୍‌ଟିଏ

ଯାନବାହାନ ପ୍ରଦୂଷଣ ପ୍ରମାଣପତ୍ର ପ୍ରସଙ୍ଗରେ ହାଇକୋର୍ଟଙ୍କ ପକ୍ଷରୁ ପରିବହନ ସଚିବ ଏବଂ ଏସ୍‌ଟିଏ କର୍ତ୍ତୃପକ୍ଷଙ୍କୁ ଜବାବ ପାଇଁ ନୋଟିସ୍ ଜାରି କରାଯାଇଛି। ଏମ୍‌ଭି ଆଇନ୍ ଉଲ୍ଲଙ୍ଘନ ଅଭିଯୋଗରେ ଦାୟର ମାମଲାରେ ୧୫ ଦିନ ମଧ୍ୟରେ ଉତ୍ତର ଦେବାକୁ ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ବିନା ପ୍ରଦୂଷଣ ଯାଞ୍ଚରେ ଚାଲାଣ କଟାଯିବାକୁ ବିରୋଧ କରି ଏହି ମାମଲା ଦାୟର ହୋଇଥିଲା। ଆସନ୍ତା ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

ଏପ୍ରିଲ ପହିଲା ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ଜରିମାନା ନ ଲଗାଇବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଟୋଲ ଗେଟ୍‌ରେ ଇ-ଡିଟେକ୍‌ସନ୍‌ରେ କଟୁଥିବା ଜରିମାନାକୁ ମଧ୍ଯ ସ୍ଥଗିତ ରଖିବାକୁ କୁହାଯାଇଛି।

## ପିଜି ସିଟ୍

ଆଗାମୀ ଦୁଇ ବର୍ଷରେ ରାଜ୍ୟରେ ସରକାରୀ ମେଡିକାଲ କଲେଜର ପିଜି ସିଟ୍ ସଂଖ୍ୟାକୁ ୫୦୨କୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ରାଜ୍ୟର ୧୨ ମେଡିକାଲ କଲେଜକୁ ଭିତ୍ତିଭୂମି ପ୍ରସ୍ତୁତ କରିବା ପାଇଁ 'ଡାକ୍ତରୀ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ' ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ବୈଷ୍ଣବ - କ୍ରିଏଟର୍ସ କର୍ଣ୍ଣର୍

ପ୍ରସାର ଭାରତୀର ୱେଭ୍ସ ପ୍ଲାଟ୍‌ଫର୍ମ ବିଶ୍ୱସ୍ତରରେ ପ୍ରଶଂସିତ ହେବା ସହିତ ୫ ହଜାର କୋଟି ଟଙ୍କାର ଆନ୍ତର୍ଜାତିକ ବ୍ୟବସାୟ କରିପାରିଛି । ଆଜି ଦୂରଦର୍ଶନ ସମ୍ବାଦ ପକ୍ଷରୁ ଏକ ନୂତନ ପ୍ଲାଟ୍‌ଫର୍ମ 'କ୍ରିଏଟର୍ସ କର୍ଣ୍ଣର୍'ର ଶୁଭାରମ୍ଭ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି 'କ୍ରିଏଟର୍ସ କର୍ଣ୍ଣର' ମାଧ୍ୟମରେ ସୃଜନଶୀଳ ବିଷୟବସ୍ତୁକୁ ପ୍ରୋତ୍ସାହିତ କରିବା ଲାଗି ପ୍ରସାର ଭାରତୀ ଲକ୍ଷ୍ୟ ରଖିଛି । କ୍ରିଏଟର୍ସ ଅର୍ଥନୀତି ସହିତ ଏକକୋଟି ଯୁବବର୍ଗଙ୍କୁ ସଂଯୋଗ କରିବାଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :........

ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହାର ଫଳସ୍ୱରୂପ ସୂଚନା ଓ ପ୍ରସାରଣ କ୍ଷେତ୍ର ବର୍ତ୍ତମାନ ଦେଶର ପ୍ରତ୍ୟେକ ନାଗରିକଙ୍କର ଜୀବନଶୈଳୀକୁ ପ୍ରଭାବିତ କରିବା ସହ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିପାରିଛି ।  ଏହି ସମାରୋହରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଯୋଗଦେଇ ଏହି ପଦକ୍ଷେପ ଲାଗି ଦୂରଦର୍ଶନକୁ ଅଭିନନ୍ଦନ ଜଣାଇବା ସହ ଦେଶର ଅର୍ଥନୀତି ଏହାଦ୍ୱାରା ଅଧିକ ସଶକ୍ତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ପ୍ରବାସୀ ଭାରତୀୟ ଦିବସ

ଆତ୍ମନିର୍ଭର ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ଆଜି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି । ପ୍ରବାସୀ

ଭାରତୀୟମାନେ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତିକୁ ମହତ୍ତ୍ୱପୂର୍ଣ୍ଣ ଅବଦାନ କରିଥାନ୍ତି। ସେମାନଙ୍କର ଅବଦାନକୁ ସମ୍ମାନ ଜଣାଇ ୨୦୦୩ ମସିହାଠାରୁ ପ୍ରତ୍ୟେକ ବର୍ଷ ଏବଂ ୨୦୧୫ ମସିହାଠାରୁ ପ୍ରତି ୨ ବର୍ଷରେ ଥରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ୧୯୧୫ ମସିହାରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏହି ଦିବସ ପାଳନର ବିଶେଷ ମହତ୍ତ୍ୱ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରବାସୀ ଭାରତୀୟ ଦେଶ ଏବଂ ବିଶ୍ୱ ମଧ୍ୟରେ ଦୃଢ଼ ସମ୍ପର୍କର ସେତୁ ।

## ବାଉଁଶ ସମ୍ମିଳନୀ

ଓଡ଼ିଶାର ବାଉଁଶ କ୍ଷେତ୍ରକୁ ରାଜ୍ୟର ସବୁଜ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବେ ଗଢ଼ିବା ପାଇଁ ଆଜି ଭୁବନେଶ୍ୱରଠାରେ ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟର ବାଉଁଶ ଶିଳ୍ପକୁ ଏକ ଶକ୍ତିଶାଳୀ ରୂପ ଦେବା ପାଇଁ ଏଭଳି ସମ୍ମିଳନୀର ପ୍ରୟାସ ପ୍ରଶଂସାଯୋଗ୍ୟ। ବାଉଁଶ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରାଯାଇ ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇ ପାରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଏହି ଅବସରରେ ବାଉଁଶ ସାମଗ୍ରୀର ବଜାର ପରିସରକୁ ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍‌ର ଶୁଭାରମ୍ଭ କରାଯାଇଛି। ସମ୍ମିଳନୀରେ ଦୈନନ୍ଦିନ ଜୀବନରେ ବାଉଁଶର ବିଭିନ୍ନ

ବ୍ୟବହାର ଏବଂ ବିଶ୍ୱର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏହାର ଅବଦାନ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ବୈଠକ

**ପୁରୀ** ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ବ୍ୟବସ୍ଥାକୁ ସରଳ ଓ ସୁଗମ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପାଢ଼ୀ କହିଛନ୍ତି, ଆଗାମୀ ରଥଯାତ୍ରା ଅବସରରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଥିବା ରଥକାଠ ସଠିକ୍ ସମୟରେ ପହଞ୍ଚିପାରିବା ନେଇ ଆଲୋଚନା ହୋଇଥିଲା। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ ବୋଲି ବୈଠକରୁ ସୂଚନା ମିଳିଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରିବା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଭକ୍ତନିବାସରେ ପାର୍କିଂ ଦେୟ ୫୦୦ ଟଙ୍କା ରହିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

## ଲିଙ୍ଗରାଜ

ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଜଷ୍ଟିସ୍ ଡି.ପି. ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତ୍ତ୍ୱଲିପି କମିଟିର ଅନ୍ତରୀଣ ରିପୋର୍ଟ ଆଜି

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ସବୁ ନିଯୋଗର ପୂରାତନ ନଥିପତ୍ରକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି । ଆଇନ୍ ଆସିବା ପରେ ପ୍ରଭୁ ଲିଙ୍ଗରାଜଙ୍କ ପର୍ବପର୍ବାଣୀ ଓ ନୀତିକାନ୍ତିରେ ବ୍ୟାଘାତ ସୃଷ୍ଟି ହେବ ନାହିଁ । ରିପୋର୍ଟକୁ ବିଭାଗ ତର୍ଜମା କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

**- V/O –**

## ଶିଶିର ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା 'ମେଗା ଶିଶିର ସରସ ୨୦୨୬ ମେଳା' ପ୍ରସ୍ତୁତିର ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ସମୀକ୍ଷା କରିଛନ୍ତି । ମେଳା ପରିସରରେ ଷ୍ଟଲ୍ ସ୍ଥାପନ, ଆଲୋକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱଚ୍ଛତା, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ । ମେଳାକୁ ସୁସଂଗଠିତ, ପ୍ଲାଷ୍ଟିକ୍‌ମୁକ୍ତ ଭାବେ ଆୟୋଜନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଭିବି-ଜି.ରାମ.ଜି

ଭିବି-ଜି.ରାମ.ଜି ଯୋଜନା ବିକଶିତ ଭାରତ ସଂକଳ୍ପକୁ ସାକାର କରିବାରେ ସହାୟକ ହେବ ବୋଲି ସାଂସଦ ଅଭିମନ୍ୟୁ ସେଠୀ କହିଛନ୍ତି । ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସେଠୀ କହିଛନ୍ତି, ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତିର ଗ୍ୟାରେଣ୍ଟି ଦେବା ସହ ସଶକ୍ତୀକରଣ, ବିକାଶ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଧ୍ୟମରେ ଯୋଜନାର ବିକଶିତ ହୋଇପାରିବ ।

## ଧାନମଣ୍ଡି ଉଦ୍‌ଘାଟନ

**କେନ୍ଦ୍ରାପଡା** ଯମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଆଜି ଜିଲ୍ଲାସ୍ତରୀୟ ଧାନମଣ୍ଡିକୁ ଜିଲ୍ଲାପାଳ ରଘୁରାମ ଆର.ଆୟର ଉଦ୍‌ଘାଟନ କରିଛନ୍ତି । ସରକାରୀ ନିୟମ ଅନୁଯାୟୀ, ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ଶ୍ରୀ ଆୟାର ପରାମର୍ଶ ଦେଇଛନ୍ତି ।

## ମାଣ୍ଡିଆ ଖାଦ୍ୟ ମହୋତ୍ସବ

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ ନେପାଳ ଗ୍ରାମରେ ମାଣ୍ଡିଆ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗର ଅଧିକାରୀମାନେ ଯୋଗଦେଇ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପୁଷ୍ଟିହୀନତା ଦୂର କରିବାରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ ।

## ପଦଯାତ୍ରା

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ନିଶା ନିବାରଣ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ବୌଦ୍ଧ ଓ ହରଭଙ୍ଗା ବ୍ଲକ୍‌ର ଅଙ୍ଗନୱାଡୀ କର୍ମୀ ଓ ଆଶା ଦିଦିମାନେ ନିଶା ନିବାରଣ ସମ୍ପର୍କରେ ପାଲା, ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ ।

## ପୁସ୍ତକ ବିତରଣ

**ଦେବଗଡ** ଜିଲ୍ଲା ବାରକୋଡ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରଠାରେ ପ୍ରଶିକ୍ଷାର୍ଥୀମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟ ପୁସ୍ତିକା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ

ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

**********************************